**Publication:** Samaja

**Date:** January 15, 2018

# ସମ୍ବଲପୁରରେ ସଫଲର ଏଫ୍‌ଆଣ୍ଡଭି ରିଟେଲ୍ ଆଉଟଲେଟ୍




ସମ୍ବଲପୁର,୧୪।୧(ସିଟି): ମଦର ଡେରି ଫ୍ରୁଟ୍ ଆଣ୍ଡ ଭେଜିଟେବଲ୍ ଲିମିଟେଡ୍ (ଏମ୍‌ଡିଏଫ୍‌ଭିପିଏଲ୍)ର ସମ୍ପୂର୍ଣ୍ଣ ସହଯୋଗୀ ଏନ୍‌ଡିଡିବିର ଫ୍ରୁଟ୍ ଆଣ୍ଡ ଭେଜିଟେବଲ (ଏଫ୍‌ଆଣ୍ଡଭି) ଅଭିଯାନ ସଫଲ୍ ପକ୍ଷରୁ ସମ୍ବଲପୁରରେ ଏଫ୍‌ଆଣ୍ଡଭି ରିଟେଲ୍ ଆଉଟଲେଟ୍ ଖୋଲିଛି। ସତେଜ ଫଳ ଓ ପନିପରିବା ଯୋଗାଇଦେବା ପାଇଁ ସଫଲ୍ ପକ୍ଷରୁ ସହରରେ ୬ଟି ରିଟେଲ୍ ଆଉଟ୍‌ଲେଟ୍ ଖୋଲିଛି । ଏହି ଆଉଟ୍‌ଲେଟ୍‌ଗୁଡ଼ିକୁ ସହରର ହାଉସିଂବୋର୍ଡ କ୍ଷେତ୍ରାଜପୁର ଛେଳିଆପଡ଼ା, ବାଲିବନ୍ଧ ପମ୍ପିଂ ଷ୍ଟେସନ୍, ନନ୍ଦପଡ଼ା ମାରୱାଡ଼ିପଡ଼ା, ବଡ଼ବଜାର, ଅଗ୍ରସେନ ଭବନ ଏରିଆ, ଶାନ୍ତି ନଗର ବୁଢ଼ାରଜ, ଅନ୍ତରାମ ବେହେରା ଫିଲିଙ୍ଗ ଷ୍ଟେସନ ବିପିସିଏଲ୍ ଧନୁପାଲି ଏବଂ ଟାଟା ନଗର ସର୍ଭିସ ଷ୍ଟେସନ ବିପିସିଏଲ ଅଇଁଠାପାଲି ରାଉରକେଲା ରାୟପୁର ରୋଡ଼ରେ ଖୋଲାଯାଇଛି। ଏହି ଅବସରରେ ନ୍ୟାସନାଲ ଡେରି ଡେଭେଲପ୍‌ମେଣ୍ଟ ବୋର୍ଡ (ଏନ୍‌ଡିଡିବି) ଅଧ୍ୟକ୍ଷ ଦିଲ୍ଲୀପ ରଥ କହିଛନ୍ତି ଯେ, ସମ୍ବଲପୁରରେ ପ୍ରବେଶ ସହ ଆମେ ଆଶା ରଖିଛୁ ଯେ ଗୋଟିଏ ପ୍ଲାଟଫର୍ମ ପ୍ରଦାନ କରି ଉଭୟ ଚାଷୀ ଏବଂ ଗ୍ରାହକଙ୍କୁ ଆନନ୍ଦିତ କରିପାରିବୁ। ଏଥିରେ ମଦର ଡେରି ଫ୍ରୁଟ୍ ଏବଂ ଭେଜିଟେବଲ୍ ପ୍ରାଇଭେଟ୍ ଲିମିଟେଡ୍‌ର ଏମ୍‌ଡି ସଞ୍ଜୀବ ଖାନ୍ନା ଉପସ୍ଥିତ ଥିଲେ।